# ଇବ୍ ଥର୍ମାଲର ବାର୍ଷିକ ପିଏଲଏଫ ରେକର୍ଡ

ଭୁବନେଶ୍ୱର: ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଅଧିନସ୍ଥ ଇବ୍ ଥର୍ମାଲ ପାୱାର ଷ୍ଟେସନ ୨୦୧୨-୧୩ ଆର୍ଥିକ ବର୍ଷରେ ଦେଶର ସମସ୍ତ ସରକାରୀ ବିଦ୍ୟୁତ ଉତ୍ପାଦନ ପ୍ଲାଣ୍ଟଗୁଡିକ ମଧ୍ୟରେ ସର୍ବୋଚ୍ଚ ପ୍ଲାଣ୍ଟ ଲୋଡ ଫାକ୍ଟର (ପିଏଲଏଫ) ହାସଲ କରି ରେକର୍ଡ ସ୍ଥାପନ କରିଛି। ୨୦୧୨-୧୩ ବର୍ଷରେ ଇବ୍ ଥର୍ମାଲ ପାୱାର ପ୍ଲାଣ୍ଟର ବାର୍ଷିକ ପିଏଲଏଫ ହେଁଉଛି ୮୬.୪୮%, ଯାହା ଭାରତର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ପ୍ଲାଣ୍ଟଗୁଡିକର ପିଏଲଏଫଠାରୁ ଅଧିକ। ଏହି ଆର୍ଥିକ ବର୍ଷରେ ଇବ୍ ଥର୍ମାଲରେ ସର୍ବନିମ୍ନ କୋଲ୍ଡ ଷ୍ଟାର୍ଟଅପ ଟାଇମ (୨୧ ଘଣ୍ଟା) ଏବଂ ସର୍ବନିମ୍ନ ୱାର୍ମ ଷ୍ଟାର୍ଟ ଅପ ଟାଇମ (୬ ଘଣ୍ଟା) ରେକର୍ଡ କରାଯାଇଥିଲା ଯାହା ଏହି ପ୍ଲାଣ୍ଟ ଇତିହାସରେ ଏକ ରେକର୍ଡ। ତାହାସହିତ ମାର୍ଚ୍ଚ ୨୭ ତାରିଖରେ ଏହି ପ୍ଲାଣ୍ଟର ୟୁନିଟ-୧ ଅବିରତ ଭାବେ ୯୫ ଦିନ ବିଦ୍ୟୁତ ଉତ୍ପାଦନକରି ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଥିଲା। ଏହାର ପୂର୍ବ ସମୟରେ ପ୍ଲାଣ୍ଟ ୯୪ ଦିନ ଅବିରତ ବିଦ୍ୟୁତ ଉତ୍ପାଦନ କରି ୨୦୦୫-୦୬ ଆର୍ଥିକ ବର୍ଷରେ ରେକର୍ଡ ସ୍ଥାପନ କରିଥିଲା। ଇବ୍ ଥର୍ମାଲ ପାୱାର ଷ୍ଟେସନର ଦୁଇଟି ୟୁନିଟରୁ ମୋଟ ୪୨୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି।